# ସତ୍ୟବାର୍ତ୍ତା

# THE WORD OF TRUTH

## JANUARY & FEBRUARY 2014

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.19.Jun & Feb-2014.No-7

Published every two months in **Oriya** language for the Restoration of pure New Testament Christianity

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

VOL - XIX KAKINADA JAN-FEB-2014


## ପରମେଶ୍ୱର କି ଅଛନ୍ତି ?

## (Is there a God ?)

ମୁଁ ଏକ ସିଂହ ସଦୃଶ୍ୟ ପ୍ରତିମାକୁ ସ୍କନ୍ଧରେ ବହି ନେଇ ଯାଉଥିବା ଦେଖି ଭାବିଲି, ପ୍ରତିମା ସେମାନେ ବହି ନେଇ ଯାଉଥିଲେ, ପ୍ରତିମା ସେମାନଙ୍କୁ ବହି ନ ପାରେ ! ଏହି ଦୃଶ୍ୟ ଦେଖି, ପୁରାତନ ନିୟମର ଏକ ଘଟଣା ମୋର ମନେ ପଡ଼ିଲା - ପାଲେଷ୍ଟୀୟ ଦେବତା ଦାଗୋନ୍ ପାର୍ଶ୍ୱରେ ସାକ୍ଷ୍ୟ ସିନ୍ଦୁକ ରଖିବାରୁ ସେହି ପ୍ରତିମା ସାକ୍ଷ୍ୟ ସିନ୍ଦୁକ ସମ୍ମୁଖରେ ମୁହଁ ମାଡ଼ି ପଡ଼ି ଯାଇ ଥିଲା । (୧ମ ଶାମୁୟେଲ ୫:୧-୭) । ଦାଗୋନ୍ ଦେବତା ଆପେ ଉଠି ନ ପାରିବାରୁ, ତାହାଙ୍କ ଠାରେ ବିଶ୍ୱାସୀ ପାଲେଷ୍ଟୀୟମାନେ ତାହା ଉଠାଇ ସ୍ୱସ୍ଥାନରେ ରଖିଥିଲେ ।

**ପ୍ରତିମା ଓ ପରମେଶ୍ୱରଙ୍କ ମଧ୍ୟରେ ତୁଳନା :**

**ପ୍ରତିମା :** "ସେମାନଙ୍କର ପ୍ରତିମା ସବୁ ରୂପା ଓ ସୁନା, ମନୁଷ୍ୟର ହସ୍ତକୃତ କର୍ମ ଅଟେ । ସେମାନଙ୍କର ମୁଖ ଅଛି, ମାତ୍ର ସେମାନେ କଥା କହନ୍ତି ନାହିଁ । ଚକ୍ଷୁ ସେମାନଙ୍କର ଅଛି, ମାତ୍ର ସେମାନେ ଦେଖନ୍ତି ନାହିଁ । ସେମାନଙ୍କର କର୍ଣ୍ଣ ଅଛି, ମାତ୍ର ସେମାନେ ଶୁଣନ୍ତି ନାହିଁ, ନାସିକା ସେମାନଙ୍କର ଅଛି ମାତ୍ର ସେମାନେ ଆଘ୍ରାଣ କରନ୍ତି ନାହିଁ, ସେମାନଙ୍କର ହସ୍ତ ଅଛି, ମାତ୍ର ସେମାନେ ସ୍ପର୍ଶ କରନ୍ତି ନାହିଁ । ଚରଣ ସେମାନଙ୍କର ଅଛି, ମାତ୍ର ସେମାନେ ଗମନ କରନ୍ତି ନାହିଁ । କିଅବା କଣ୍ଠରେ ସେମାନେ କଥା କହନ୍ତି ନାହିଁ । ସେମାନଙ୍କର ନିର୍ମାଣକାରୀମାନେ ଓ ସେମାନଙ୍କ ଠାରେ ନିର୍ଭରକାରୀମାନେ ସେମାନଙ୍କ ତୁଲ୍ୟ ହେବେ ।" (ଗୀତ ୧୧୫:୪-୮)

ଯିଶାଇୟ ୪୪:୯-୧୭ ପଦରେ ଖୋଦିତ ପ୍ରତିମା ନିର୍ମାଣକାରୀମାନଙ୍କ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି । "....ସେ ଆପଣା ନିମନ୍ତେ

ଏରସ ବୃକ୍ଷ କାଟେ, ତର୍ସା ଓ ଆଲୋନ ବୃକ୍ଷ ନିଏ, ସେ ବନବୃକ୍ଷ ମଧ୍ୟରୁ ଗୋଟିଏ ବୃକ୍ଷ ଆପଣା ପାଇଁ ଦୃଢ଼ କରେ, ସେ ଦେବଦାରୁ ବୃକ୍ଷ ରୋପଣ କରେ ଓ ବୃଷ୍ଟି ତାହା ବଢ଼ାଏ । ଏ ଉତ୍ତାରେ ତାହା ମନୁଷ୍ୟର ଜାଳେଣି କାଷ୍ଠ ହୁଏ, ସେ ତହିଁରୁ କିଛି ନେଇ ଅଗ୍ନି ତାପ ନିଏ, ଆଉ, ସେ ତାହା ଜାଳି ରୁଟୀ ପାକ କରେ, ଆହୁରି, ଗୋଟିଏ ଦେବତା କରି ତାହା ପୂଜା କରେ, ସେ ଗୋଟିଏ ଖୋଦିତ ପ୍ରତିମା କରି ତାହା ଆଗରେ ଦଣ୍ଡବତ୍ କରେ ।"

ପ୍ରତିମା ଆମ୍ଭମାନଙ୍କ ଦୁଃଖସୁଖରେ ସାହାଯ୍ୟ କରିପାରେ ନାହିଁ । ରୋଗୀ ଶରୀରକୁ ସୁସ୍ଥ କରି ପାରେ ନାହିଁ । କିଅବା ଆତ୍ମାକୁ ଅନନ୍ତ ମୃତ୍ୟୁରୁ ରକ୍ଷା କରିପାରେ ନାହିଁ, ଦେବତାଗଣ ସେମାନଙ୍କ ଭକ୍ତମାନଙ୍କ ଉପରେ ନିର୍ଭର କରନ୍ତି ।

**ଜୀବନ୍ତ ପରମେଶ୍ୱର :-** "ଯେଉଁ ଈଶ୍ୱର ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ପଦାର୍ଥ ସୃଷ୍ଟି କରିଅଛନ୍ତି, ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହେବାରୁ ହସ୍ତ ନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ, କିଅବା ତାହାଙ୍କର କୌଣସି ଅଭାବ ଥିବାରୁ ମନୁଷ୍ୟ ହସ୍ତ ଦ୍ୱାରା ସେବିତ ହୁଅନ୍ତି ନାହିଁ, ଯେଣୁ ସେ ସ୍ୱୟଂ ସମସ୍ତଙ୍କୁ ଜୀବନ, ନିଶ୍ୱାସ ଓ ସମସ୍ତ ପଦାର୍ଥ ଦାନ କରନ୍ତି । ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତି ଠାରୁ ସମସ୍ତ ମାନବ ଜାତି ସୃଷ୍ଟି କରିଅଛନ୍ତି, ସେ ସେମାନଙ୍କର ନିର୍ଦ୍ଦିଷ୍ଟକାଳ ଓ ନିବାସର ସୀମା ସ୍ଥିର କରିଅଛନ୍ତି ।" (ପ୍ରେରିତ ୧୭:୨୪-୨୬)

ସତ୍ୟ ପରମେଶ୍ୱର ଅନନ୍ତଜୀବୀ ଅଟନ୍ତି । (ଗୀତ ୯୦:୨) ସୃଷ୍ଟିକର୍ତ୍ତା ଅଟନ୍ତି । (ଆଦି ୧:୧) । ସର୍ବଜ୍ଞାନୀ ଅଟନ୍ତି (ଗୀତ ୧୩୯:୧-୩) । ସର୍ବଶକ୍ତିମାନ (ଆଦି ୧୮:୧୪; ମାଥିଉ ୧୯:୨୬) ଓ ସର୍ବବ୍ୟାପୀ ଅଟନ୍ତି (ଗୀତ ୧୩୯:୪-୧୨) । ପାପକ୍ଷମା କାରୀ (ଏବ୍ରୀ ୮:୧୨), ନ୍ୟାୟୀ (ଗୀତ ୮୯:୧୪), ପବିତ୍ର (ଯିଶାଇୟ ୬:୩) ଏବଂ ଅପରିବର୍ତ୍ତନୀୟ ଅଟନ୍ତି । (ମଲାଖି ୩:୬)

**ଈଶ୍ୱରଙ୍କ ଶକ୍ତିର ପ୍ରମାଣ :**

**ସୃଷ୍ଟି :-** ଆଦି ୧:୧ ପଦରେ ସଦାପ୍ରଭୁ ପରମେଶ୍ୱର ଆକାଶ ମଣ୍ଡଳ ଓ ପୃଥିବୀ ସୃଷ୍ଟି କରିବା ସତ୍ୟତା ପଢ଼ିପାରୁ । ଛଅଦିନରେ ଆକାଶ ସମସ୍ତ ଓ ପୃଥିବୀସ୍ଥ ଜୀବରାଶି ସେ ସୃଷ୍ଟି କରିଅଛନ୍ତି ।

**ଇଶ୍ରାଏଲ :-** ଅବ୍ରାହମଙ୍କୁ ଏକ ମହାଗୋଷ୍ଠୀ ରୂପେ ଆଶୀର୍ବାଦ କରିବେ

ବୋଲି ପ୍ରତିଜ୍ଞା କରିଥିଲେ । (ଆଦି ୧୨:୧-୩, ଗାଲାତୀ ୩:୧୬-୨୯) । ତାହାଙ୍କ ଦ୍ୱାରା ସମସ୍ତ ଜାତି, ଗୋଷ୍ଠୀ ଆଶୀର୍ବାଦ ପ୍ରାପ୍ତ ହୋଇ ଅଛନ୍ତି । ଅନେକ ସମୟରେ ଇଶ୍ରାଏଲ ଗୋଷ୍ଠୀ ବିନାଶ ହେବାର ସମ୍ଭାବନା ଥିବା ସତ୍ତ୍ୱେ ସଦାପ୍ରଭୁ ଅବ୍ରାହମଙ୍କ ବଂଶଧର ଇଶ୍ରାଏଲ ଗୋଷ୍ଠୀକୁ ସୁରକ୍ଷିତ କରି ଆସୁଅଛନ୍ତି । ସେମାନେ ମିସର ଓ ବାବିଲୋନର ବନ୍ଦୀତ୍ୱରେ ଥିଲେ ସୁଦ୍ଧା ସଦାପ୍ରଭୁ ସେମାନଙ୍କୁ ଆପଣା ବାହୁବଳ ଦ୍ୱାରା ମୁକ୍ତ କରିଥିଲେ, ଯେପରିକି ସେହି ଯିହୁଦା ଗୋଷ୍ଠୀ ଦ୍ୱାରା ଏହି ଜଗତରେ ତ୍ରାଣକର୍ତ୍ତାଙ୍କ ଆବିର୍ଭାବ ହୋଇପାରେ ।

**ପରିତ୍ରାଣ :-** ସଦାପ୍ରଭୁଙ୍କ ଦ୍ୱାରା ହିଁ ପରିତ୍ରାଣ ପ୍ରାପ୍ତି ହୋଇପାରେ । ସୁସମାଚାର ପରିତ୍ରାଣର ଶକ୍ତି ସେ ରଖି ଅଛନ୍ତି । ଅତଏବ ସୁସମାଚାର ପ୍ରଚାର ବିନା ପରିତ୍ରାଣ ପ୍ରାପ୍ତି ହୁଏ ନାହିଁ ।

**ଖ୍ରୀଷ୍ଟିୟାନ :-** ସେ ପାପୀ ମନୁଷ୍ୟକୁ ରକ୍ଷା କରିବା ସଙ୍ଗେ ଏକ ଉତ୍ତମ ଖ୍ରୀଷ୍ଟିୟାନ ରୂପେ ଜୀବନଯାପନ କରିବା ନିମନ୍ତେ ସାହାଯ୍ୟ କରନ୍ତି । ତାହାଙ୍କ ଶକ୍ତି ଆମ୍ଭମାନଙ୍କ ଠାରେ କାର୍ଯ୍ୟ କରେ । ଜଣେ ଘୋର ପାପୀକୁ, ଏକ ନମ୍ର ଖ୍ରୀଷ୍ଟିୟାନ ରୂପେ ପରିବର୍ତ୍ତନ କରିପାରନ୍ତି । ଏକ ମିଥ୍ୟାବାଦୀ ବ୍ୟକ୍ତିଙ୍କୁ, ସତ୍ୟବାଦୀ ରୂପେ ପରିବର୍ତ୍ତନ କରିପାରେ । ଶାଉଲ ସଦୃଶ୍ୟ ତାଡ଼ନାକାରୀ ବ୍ୟକ୍ତିଙ୍କୁ ଏକ ପ୍ରେରିତ ରୂପେ ପରିବର୍ତ୍ତନ କରି ପାରିଥିଲେ । ପିତର ଯେ କି ତାହାଙ୍କୁ ଅସ୍ୱୀକାର କରିଥିଲେ, ତାଙ୍କୁ ସେ ଏକ ଶକ୍ତିଶାଳୀ ସୁସମାଚାର ପ୍ରଚାରକ ରୂପେ ପରିବର୍ତ୍ତନ କରିଥିଲେ । ତାହାଙ୍କ ଦ୍ୱାରା ପେଣ୍ଟିକଷ୍ଟ ଦିନରେ ପ୍ରଥମ ସୁସମାଚାର ବାକ୍ୟ ପ୍ରଚାରିତ ହୋଇଥିଲା । ସେ ନୂତନ ନିୟମର ଦୁଇଟି ପୁସ୍ତକ ଲେଖିଅଛନ୍ତି । ସେ ବିଶୁଦ୍ଧ ଜୀବନକୁ ପରିଶୁଦ୍ଧ କରି ତାହାଙ୍କ କାର୍ଯ୍ୟରେ ବ୍ୟବହାର କରନ୍ତି ।

## ପରମେଶ୍ୱର କି ଅଛନ୍ତି ?

ଯଦି ପରମେଶ୍ୱର ନାହାନ୍ତି, ବାଇବଲ ଏକ ହାସ୍ୟାସ୍ପଦର ପୁସ୍ତକ । ପାପ ନାହିଁ, ପରିତ୍ରାଣର ଆବଶ୍ୟକତା ନାହିଁ । ମଣ୍ଡଳୀ, ପରିତ୍ରାଣ, ସ୍ୱର୍ଗ ଓ ପାତାଳ କିଅବା ବିଚାର ନାହିଁ । ପ୍ରଶ୍ନ ଉଠେ ଜୀବନର ଆରମ୍ଭ କିପରି ହେଲା ? ନିର୍ଜୀବ ବସ୍ତୁରୁ କି ଜୀବନ ଉଦ୍ଭାବିତ ହେଲା ?

ଯଦି ପରମେଶ୍ୱର ଅଛନ୍ତି, ଆମ୍ଭେମାନେ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଅଛୁ । (ଆଦି ୧:୨୬, ୨୭) । ଆମ୍ଭେମାନେ କେଉଁଠାରୁ ଆସିଅଛୁ, ଏହି ଜଗତରେ ଆମର କର୍ତ୍ତବ୍ୟ କଅଣ, ଏହି ଜୀବନ ପରେ ଆମ୍ଭମାନଙ୍କ ଗତି କଅଣ, ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ । ବାଇବଲ ଶିକ୍ଷା ଅନୁସରଣ କଲେ, ଆମ୍ଭେମାନେ ସତ୍ୟ ପରମେଶ୍ୱରଙ୍କ ନିତ୍ୟ ଜୀବନ ପ୍ରାପ୍ତ ହୋଇପାରିବା ।

***- Albert Gardner***

## ଶୟତାନ : ସତେ କି ସେ ଅଛି ?

## (Satan : Is he real ?)

ଈଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ (ଯୋହନ ୧୭:୧୭) । ଏହି ସତ୍ୟାନୁଯାୟୀ ଶୟତାନର ଅସ୍ତିତ୍ୱ ମଧ୍ୟ ସତ୍ୟ ଅଟେ । ସତ୍ୟବାକ୍ୟ ଈଶ୍ୱର ନିଶ୍ୱସିତ (୨ ତୀମଥି ୩:୧୬) । ଏହି ସତ୍ୟ ଓ ଈଶ୍ୱର ନିଶ୍ୱସିତ ବାକ୍ୟ ଦ୍ୱାରା ଶୟତାନର ସତ୍ୟତା ଜ୍ଞାତ ହୋଇପାରିବା ? ଏହି ଶୟତାନ କିଏ ଓ ତାହାର ଉତ୍ପତ୍ତି କଅଣ ? ଯଦି ଶୟତାନର ଅସ୍ତିତ୍ୱ ସତ୍ୟ ଅଟେ, ଆମ୍ଭେମାନେ କିପରି ତାହାଠାରୁ ଆପଣାକୁ ରକ୍ଷା କରିପାରିବା ?

ସର୍ବପ୍ରଥମେ, ଏକ ସର୍ପର ରୂପ ଧାରଣ କରି ଏଦନ ଉଦ୍ୟାନରେ ହବାକୁ ପ୍ରବଞ୍ଚନା କରିବା ଆଦି ପୁସ୍ତକରେ ପଢ଼ିଥାଉ । ଆଦମ ଓ ହବାକୁ ଶୟତାନ ଯେପରି ଭାବେ ପ୍ରବଞ୍ଚନା କରିଥିଲା, ସେହି ସୂତ୍ର ସେ ଏବେ ପର୍ଯ୍ୟନ୍ତ ମନୁଷ୍ୟମାନଙ୍କ ପ୍ରତି ପ୍ରୟୋଗ କରୁଅଛି । ଶୟତାନ ସେହି ବ୍ୟକ୍ତି, ଯାହାଙ୍କ ଠାରୁ ପ୍ରତ୍ୟେକ ମନୁଷ୍ୟ ମୁକ୍ତି ପାଇବା ଆବଶ୍ୟକ (ରୋମୀୟ ୩:୨୧-୨୬), ନଚେତ୍ ଅନନ୍ତ ଜୀବନରେ ପ୍ରବେଶ କରିପାରିବେ ନାହିଁ । ଯୀଶୁଖ୍ରୀଷ୍ଟ ଜଗତର ଜ୍ୟୋତି, ଯାହାଙ୍କ ଠାରେ ଲେଶ ମାତ୍ର ଅନ୍ଧକାର ନାହିଁ । କିନ୍ତୁ ଶୟତାନ ଘୋର ଅନ୍ଧକାର, ପାପ, କଳଙ୍କ ଦୁଷ୍କ୍ରିୟାର ପ୍ରତୀକ ।

ଜ୍ୟୋତିର୍ମୟ ପିତା, ଶୟତାନର ଅନ୍ଧକାରରୁ ଦୂରରେ ରହନ୍ତି । (କଲସୀ ୧:୧୬) । ଯଦିଓ ଶୟତାନର ସୃଷ୍ଟି ବିଷୟରେ ଧର୍ମଶାସ୍ତ୍ର ମୌନ ରହେ, ଏହା ସଦାପ୍ରଭୁଙ୍କ ସୁବେଚନା ସହ ସୃଷ୍ଟ ଆତ୍ମା ଅଟେ ।

ବାସ୍ତବତାରେ ଆଲୋଚନା କଲେ, ଶୟତାନ କୌଣସି ପଶୁ ଦ୍ୱାରା ଉଦ୍ଭବ ହୋଇନାହିଁ। କାରଣ ପଶୁମାନଙ୍କ ବିବେଚନା ଜ୍ଞାନ ନାହିଁ। ଶୟତାନ ମନୁଷ୍ୟମାନଙ୍କ ଆତ୍ମା ଠାରୁ ଉତ୍ପନ୍ନ ନୁହେଁ, କାରଣ ମନୁଷ୍ୟ ମୃତ୍ୟୁ ନ ଭୋଗିଲେ, ଆତ୍ମିକ ସ୍ଥିତିରେ ପରିବର୍ତ୍ତନ ଆସେ ନାହିଁ। ଶୟତାନଙ୍କ ଦ୍ୱାରା ପ୍ରବଞ୍ଚିତ ନହେବା ପର୍ଯ୍ୟନ୍ତ ମୃତ୍ୟୁ ଏହି ଜଗତରେ ପ୍ରବେଶ କରି ନ ଥିଲା। (ରୋମୀୟ ୫:୧୨)

ସଦାପ୍ରଭୁଙ୍କ ଦ୍ୱାରା ଅନ୍ୟ ଏକ ଶ୍ରେଣୀର ଜୀବ ସୃଷ୍ଟି ହେଲେ, ଯେଉଁମାନେ ଏହି ଜଗତରେ ନିବାସ କରନ୍ତି ନାହିଁ (୧) ଦୂତଗଣ-Angels (ଦାନିୟେଲ ୩:୨୮, ଏବ୍ରୀ ୧୩:୨), (୨) କିରୂପ-Cherubim (ଆଦି ୩:୨୪), (୩) ସରାଫ (ଯିଶାଇୟ ୬:୨), (୪) ପ୍ରଧାନ ଦୂତ-Arch Angel, ଦାନିୟେଲ ୯:୨୧, ୧୦:୧୩,୨୧)

ସଦାପ୍ରଭୁ ଅନେକ ବିଷୟ ସୃଷ୍ଟି କରିପାରିଥାନ୍ତି, ଯାହାକି ଆମ୍ଭମାନଙ୍କୁ ରହସ୍ୟ ଅଟେ। (ଦ୍ୱି:ବି ୨୯:୨୯)। କିନ୍ତୁ ଶୟତାନ ଯେ ଏକ ସତ୍ୟତା, ତାହା କେହି ମନା କରି ନ ପାରେ। ସେ ଏକ ସଦାପ୍ରଭୁଙ୍କ ସୃଷ୍ଟ, କାରଣ ତାହାଙ୍କ ବିନୁ କୌଣସି ବିଷୟ ସୃଷ୍ଟ ହୋଇନାହିଁ (ଯୋହନ ୧:୧)। ଦ୍ୱିତୀୟ ସଦାପ୍ରଭୁ କୌଣସି ପାପମୟ, ଦୁଷ୍ଟାତ୍ମା ସୃଷ୍ଟି କରିପାରନ୍ତି ନାହିଁ। (ଲେବୀ ୧୧:୪୫, ୨ କରିନ୍ଥୀ ୫:୨୧, ୧ମ ପିତର ୧:୧; ୨:୨୨) ଅତଏବ ଶୟତାନ ଏକ ପତିତ ଦୂତ, କିଅବା ପତିତ କି ରୂପ (୩) କିଅବା ପତିତ ସରାଫ (୪) କିଅବା ପତିତ ପ୍ରଧାନ ଦୂତ (୫) କିଅବା ଅନ୍ୟ ସୃଷ୍ଟ ଜୀବ, ଯାହାର ଆପଣାର ସ୍ୱଇଚ୍ଛା ଅଛି। ୨ୟ ପିତର ୨:୪ ବାକ୍ୟାନୁଯାୟୀ ଦୂତମାନେ ପାପ କରିପାରନ୍ତି ଓ ମନୁଷ୍ୟମାନଙ୍କ ସଦୃଶ୍ୟ ସେମାନଙ୍କୁ ନିତ୍ୟ ଶାସ୍ତି ଅଛି। ଏପରି ଭାବେ ଅସଂଖ୍ୟ ଦୂତମାନେ ପାପ କରି, ସଦାପ୍ରଭୁଙ୍କ ଠାରୁ, ଅନୁଗ୍ରହ ଠାରୁ ପତିତ ହୋଇଅଛନ୍ତି, ଏସବୁ ବିଷୟରେ ସଦାପ୍ରଭୁଙ୍କ ବାକ୍ୟ ମୌନ ରହିଥିବାରୁ ଆମ୍ଭେମାନେ ମୌନ ରହୁ।

ଶୟତାନ ଏକ ବାସ୍ତବ ବ୍ୟକ୍ତି ହୋଇଥିବାରୁ, ତାହା ଠାରୁ ଆମ୍ଭେମାନେ ସତର୍କ ରହୁ। ତାହାର ଅସଂଖ୍ୟ ଧୂର୍ତ୍ତତାରୁ ଆମ୍ଭେମାନେ ଅଜ୍ଞ ନ ରହୁ। ଏହାର ଧୂର୍ତ୍ତତା ବିଷୟରେ ଧର୍ମଶାସ୍ତ୍ରରେ ବିପୁଳ ଭାବେ, ସାଙ୍କେତିକ ଭାବେ ଲିଖିତ ହୋଇଅଛି।

ଚତୁର ଶୟତାନ ସରଳ କୌଶଳତାରେ ମନୁଷ୍ୟଙ୍କୁ ପ୍ରବଞ୍ଚନା କରେ । ମନୁଷ୍ୟର "ସ୍ୱଇଚ୍ଛା"ର ଅସ୍ତ୍ର ଦ୍ୱାରା ମନୁଷ୍ୟଙ୍କୁ ଗ୍ରାସ କରିବାରେ ସେ ପଟୁ । "ସ୍ୱଇଚ୍ଛା"ର ଅସ୍ତ୍ର ଦ୍ୱାରା ମନୁଷ୍ୟର ପତନ ଓ ତାହାର ଲାଭ ହୁଏ । ତାହାର ଅନୁସରଣକାରୀମାନେ ଅସଂଖ୍ୟ (ମାଥିଉ ୭:୧୩) । ଶୟତାନର ବିରୁଦ୍ଧୀମାନେ ସ୍ୱଳ୍ପ ।

ତାହାର ସ୍ୱକୃତ ସଫଳତା ତାହାର ନାମରୁ ଆମ୍ଭେମାନେ ଜ୍ଞାତ ହୋଇପାରିବା (୧) ଅବଦ୍ଦୋନ (Abdon) ପ୍ରକାଶିତ ବାକ୍ୟ ୯:୧୧ (୨) ବିପକ୍ଷ (Adversary) ୧ମ ପିତର ୫:୮, ୧ମ ରାଜାବଳି ୧୧:୪, ଆୟୁବ ୩:୩) (୩) ନରଘାତକ (Murderer, (ଯୋହନ ୮:୪୪) (୪) ଅନ୍ଧକାରର ଜଗତପତି (Darkness, (ଏଫିସୀ ୬:୧୨) । ସେ ଅନ୍ଧକାର ବାସୀ । ସର୍ପ (Serpent, (ଆଦି ୩:୪) । ତାହାର ଶେଷ ଗତି ବିଷୟରେ ବାକ୍ୟ କହେ, "ସେହିଦିନ ସେମାନେ ଦଣ୍ଡ ପାଇବେ, ଅର୍ଥାତ୍ ପ୍ରଭୁଙ୍କ ଛାମୁରୁ ଓ ତାହାଙ୍କ ପରାକ୍ରମର ଗୌରବରୁ ଦୂରୀକୃତ ହୋଇ ଅନନ୍ତ ବିନାଶ ଭୋଗ କରିବେ ।" (୨ ଥେସ ୧:୯)

ଶୟତାନ ଅଧିକାଂଶ ମନୁଷ୍ୟମାନଙ୍କୁ ଆପଣାର ବଶରେ କରିବାରେ ସକ୍ଷମ ହୋଇଅଛି । ତଥାପି ସେ ସଂପୂର୍ଣ୍ଣ ରୂପେ ବିଜୟୀ ନୁହେଁ । ମନ ପରିବର୍ତ୍ତନ କରି, ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କୁ ଆପଣା ବଶରେ କରିବା ନିମନ୍ତେ ସେ ବ୍ୟସ୍ତ । ତେଣୁକରି ପିତର କହନ୍ତି, "ସଚେତନ ହୋଇ ଜାଗ୍ରତ ରୁହ ! ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮)

ଶୟତାନ ବାସ୍ତବରେ ଅଛି, ତାହାକୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରାଯାଇ ନାହିଁ । ଶେଷ ବିଚାର ଦିନ ପର୍ଯ୍ୟନ୍ତ ଆପଣାକୁ ଜାଗତିକ ଅଭିଳାଷରୁ ଦୂରରେ ରହି ପବିତ୍ର ହୁଅ । ଶୟତାନ ଚତୁରତା ଜ୍ଞାତ ରହି ତାହାର ପ୍ରତିରୋଧ କର । ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନ କଲେ, ଜୀବନରୂପ ମୁକୁଟ ପାଇପାରିବା ।

*- Graham Walker*

# ହାତରେ ବାଇବଲ, ତଥାପି ବିନଷ୍ଟ
## (With Bible, but lost)

ବାଇବଲ ଜଗତରେ ସର୍ବାଧିକ ସଂଖ୍ୟାରେ ବିକ୍ରୀ ହୁଏ । ତଥାପି ପ୍ରତ୍ୟେକ ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ନୁହେଁ । ପବିତ୍ର ଧର୍ମଶାସ୍ତ୍ର ଅନୁବାଦିତ ହୋଇ, ଛାପିତ ହୋଇ ଅନେକ ପ୍ରଦେଶରେ ଅନେକ ଜାତି ମଧ୍ୟରେ ବିତରଣ କରାଯାଉଥିଲେ ସୁଦ୍ଧା ପ୍ରତ୍ୟେକ ଦେଶରେ ସୁସମାଚାର ପ୍ରଚାରିତ ହେଉ ନାହିଁ । ଅନେକ ଗୃହରେ ବାଇବଲ ଦେଖିବାକୁ ପାଉଥିଲେ ମଧ୍ୟ ଅଧିକାଂଶ ଲୋକେ ବାଇବଲର ବାକ୍ୟ ବିଷୟରେ ଅଜ୍ଞ ଅଟନ୍ତି ।

ହାତରେ ବାଇବଲ ଥିଲେ ଯଥେଷ୍ଟ ନୁହେଁ । ଯେତେ ସମୟ ପର୍ଯ୍ୟନ୍ତ ଆପଣ ହାତରେ ଥିବା ବାଇବଲ ଖୋଲି ନ ପଢ଼ନ୍ତି, ସେତେଦିନ ପର୍ଯ୍ୟନ୍ତ ବାଇବଲର ବାକ୍ୟ ଆପଣଙ୍କ ନିମନ୍ତେ ଫଳପ୍ରଦ ନୁହେଁ । ଲିଖିତ ବାକ୍ୟ ପଢ଼ି, ଧ୍ୟାନ କରି, ତାହା ଅନୁସରଣ କରିବା ଦ୍ୱାରା ଆମ୍ଭେମାନେ ଆଶୀଷପ୍ରାପ୍ତ ହୋଇପାରିବା ।

ଜଗତରେ ମନୁଷ୍ୟମାନଙ୍କ ଜୀବନରେ ବହୁତ କିଛି ପରିବର୍ତ୍ତନ ଆସି ନାହିଁ । ବାଇବଲ, ଅଧିକ ସଂଖ୍ୟା ଲବ୍ଧ ନ ହେବା, ଏହାର କାରଣ ନୁହେଁ । କିନ୍ତୁ ଲିଖିତ ବାକ୍ୟ ଅନୁସରଣ ନ କରିବା । ସତ୍ୟ ଆମ୍ଭମାନଙ୍କୁ ମୁକ୍ତ କରେ, କିନ୍ତୁ ପ୍ରଥମେ ସତ୍ୟ ଜାଣିବା ଆବଶ୍ୟକ । (ଯୋହନ ୮:୩୨) ଯୁବକ ତୀମଥିଙ୍କୁ ପ୍ରେରିତ ପାଇଲ ଉତ୍ସାହିତ କରି କହନ୍ତି, "ବାକ୍ୟ ଧ୍ୟାନ କର" (୨ ତୀମଥି ୨:୧୫) । ଖ୍ରୀଷ୍ଟ ଆମ୍ଭମାନଙ୍କୁ ଧର୍ମଶାସ୍ତ୍ର ପରୀକ୍ଷା କରିବାକୁ ଆଜ୍ଞା ଦିଅନ୍ତି । (ଯୋହନ ୫:୩୯) "...ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।" (ମାଥିଉ ୪:୪)

ଆପଣଙ୍କ ହାତରେ କି ଏକ ବାଇବଲ ଅଛି ? ଆପଣ କି ତାହା ଅନୁସରଣ କରୁଅଛନ୍ତି ? ଆପଣଙ୍କ ଉତ୍ତର ଯଦି "ହଁ" ଅଟେ, ତେବେ ଆପଣ ଏବେ ପର୍ଯ୍ୟନ୍ତ ବିନଷ୍ଟ ନୁହନ୍ତି । ଅନ୍ୟମାନେ କଅଣ ଶିକ୍ଷା ଦେଉଅଛନ୍ତି, ସେ ବିଷୟରେ ଚିନ୍ତିତ ହୁଅ ନାହିଁ । କିନ୍ତୁ ଲିଖିତ ବାକ୍ୟ ଅନୁସରଣ କର । ଏତଦ୍ୱାରା ଆପଣମାନେ ସତ୍ୟର ସନ୍ଧାନ ପାଇପାରିବେ ଓ ଆଶୀର୍ବାଦ ପ୍ରାପ୍ତ ହେବେ । ବାଇବଲ ବର୍ତ୍ତମାନ ଆପଣଙ୍କ ପଥ ପ୍ରଦର୍ଶକ, ଦିନ ଆସିବ ଯେବେ ଏଥିରେ ଲିଖିତ ବାକ୍ୟ ଆପଣଙ୍କୁ ବିଚାର କରିବ ।

***- J.C. Choate***

# ହସ୍ତ
## (The Hand)

ପବିତ୍ର ବାକ୍ୟରେ ଅନେକ ସତର୍କତାର ଚିହ୍ନ ପଢ଼ିପାରୁ । ଏବ୍ରୀ ପୁସ୍ତକ କର୍ତ୍ତା ଆମ୍ଭମାନଙ୍କ ଆତ୍ମାର ସତର୍କତା ବିଷୟରେ ଲେଖନ୍ତି, ''ହେ ଭାଇମାନେ, ସାବଧାନ, ଯେପରି ଜୀବନ୍ତ ଈଶ୍ବରଙ୍କ ଠାରୁ ବିମୁଖକାରୀ ଦୁଷ୍ଟ, ଅବିଶ୍ୱାସୀ ହୃଦୟ ତୁମ୍ଭମାନଙ୍କର କାହାରି ଠାରେ ନଥାଏ । କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରୁ କେହି କଠିନ ମନା ହୁଏ, ଏଥି ନିମନ୍ତେ ଆଜି ସୁଯୋଗ ଥାଉ ଥାଉ ପ୍ରତିଦିନ ପରସ୍ପରକୁ ଉତ୍ସାହ ଦିଅ ।'' (ଏବ୍ରୀ ୩:୧୨-୧୩)

**ଈଶ୍ୱରଙ୍କ ବାକ୍ୟ ସତର୍କ କରେ :** ପାପ ପ୍ରବଞ୍ଚନା ପୂର୍ଣ୍ଣ ଜୀବନ ମରଣଦାୟକ ! ପାପ ସ୍ୱାଧୀନତା ପ୍ରକଟ କରେ, କିନ୍ତୁ ପାପ ବନ୍ଧନରେ ବାନ୍ଧେ । (ଯୋହନ ୮:୩୪) । ପାପ ସୁଖ ସନ୍ତୋଷର ଜୀବନ ପ୍ରତିଜ୍ଞା କରେ, କିନ୍ତୁ ମୃତ୍ୟୁର ସମ୍ମୁଖୀନ କରେ । (ଏବ୍ରୀ ୧୧:୨୫, ରୋମୀୟ ୬:୨୩) । ଏହା ସ୍ୱେଚ୍ଛା ପ୍ରତିଜ୍ଞା କରେ, କିନ୍ତୁ ପରମେଶ୍ୱରଙ୍କୁ କ୍ରୋଧର ପାତ୍ର କରେ । (ରୋମୀୟ ୧:୧୮) । ପାପରେ ଜୀବନଯାପନ କରିବା ମନୁଷ୍ୟମାନଙ୍କ ଗତି ଅଶୋଚନୀୟ । "ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ !" (ଏବ୍ରୀ ୧୦:୩୧) । ଆମ୍ଭମାନଙ୍କ ନିରାପତ୍ତା ନିମନ୍ତେ ସତର୍କତାର ଚିହ୍ନ ଦିଆଯାଏ । ଅତ୍ୟନ୍ତ ପ୍ରେମମୟ ସ୍ୱର୍ଗୀୟ ପିତା, ଆପଣା ଲିଖିତ ବାକ୍ୟ ଦ୍ୱାରା ଆଗାମୀ ବିପଦର ସତର୍କ କରାନ୍ତି ।

ପରମେଶ୍ୱରଙ୍କ ବାକ୍ୟ ପ୍ରକଟ କରି କହେ, "ଦେଖ, ସଦାପ୍ରଭୁଙ୍କର ହସ୍ତ **ଛୋଟ ହୋଇ ଯାଇ ନାହିଁ ଯେ, ତାହା ପରିତ୍ରାଣ କରି ନ ପାରେ, କିଅବା ତାହା ଶୁଣି ନ ପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି, ତୁମ୍ଭମାନଙ୍କର ପାପ ସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କୁ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।** " (ଯିଶାଇୟ ୫୯:୧-୨)

ପରମେଶ୍ୱରଙ୍କ ଅପାର ପ୍ରେମ ଦ୍ୱାରା, ପାପକ୍ଷମା ଓ ଅନନ୍ତଜୀବନ ତାହାଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଆମ୍ଭମାନଙ୍କ ଲବ୍ଧ ହୋଇଅଛି । ତାହାଙ୍କ ହସ୍ତ ଦ୍ୱାରା ଆମ୍ଭେମାନେ ପାପକ୍ଷମା ଓ ଅନନ୍ତଜୀବନ ପ୍ରାପ୍ତ ହୋଇଅଛୁ । ଆମ୍ଭମାନଙ୍କ ପାପଦ୍ୱାରା ଆମ୍ଭେମାନେ ତାହାଙ୍କ ଠାରୁ ବିଚ୍ଛିନ୍ନ ହେଲେ ସୁଦ୍ଧା, ତାହାଙ୍କ ଅଦ୍ୱିତୀୟ ପୁତ୍ର ଦ୍ୱାରା

ତାହାଙ୍କ ସହିତ ସମ୍ମିଳିତ ହୋଇଅଛୁ। (ଏଫିସୀ ୧:୭) "ସେହି ସମ୍ମିଳନର ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ, ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି। (୨ କରିନ୍ଥୀ ୫:୯)

ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କାରୀ ପ୍ରତ୍ୟେକ ବ୍ୟକ୍ତିକୁ ପରମେଶ୍ୱର ପରିତ୍ରାଣ ପ୍ରଦାନ କରିବେ (ପ୍ରେରିତ ୧୬:୩୦-୩୧)। ପାପୀ ମନୁଷ୍ୟ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ପାପ ଜୀବନରୁ ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ସ୍ୱୀକାର କରି ବାପ୍ତିଜିତ ହେବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇ ପାରିବ। (ପ୍ରେରିତ ୨:୩୮) ତାହାଙ୍କ ବାକ୍ୟ ଅନୁସରଣକାରୀମାନଙ୍କୁ ସେ ଆପଣା ରକ୍ତ ଦ୍ୱାରା ପବିତ୍ର କରନ୍ତି। (୧ମ ଯୋହନ ୧:୭)

ମନ ପରିବର୍ତ୍ତନ କରି ତାହାଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ସହଭାଗିତାରେ ଜୀବନଯାପନ କରିବା ବ୍ୟକ୍ତିମାନଙ୍କ ନିମନ୍ତେ - **La mano de Dios** - ସଦାପ୍ରଭୁଙ୍କ ହସ୍ତ କଠିନ ନୁହେଁ, ବରଂ ଏହା କ୍ଷମା, ଶାନ୍ତି, ନିରାପତ୍ତା ଓ ଅନନ୍ତଜୀବନ ଦତ୍ତକାରୀ ହସ୍ତ ଅଟେ।

ଆପଣ କି ସେହି ମହାନ୍ ହସ୍ତ ତଳେ ଶରଣ ନେଇଅଛନ୍ତି ?

***- David Sargent***

# ଆଦରଣୀୟ ହାନ୍ନା
## (Adorable Hanna)

ରାମାଥୟିମ୍ - ସଫୀମ ପ୍ରଦେଶରେ ଇଫ୍ରୟିମୀୟ ଇଲକାନାଙ୍କ ଦୁଇ ପତ୍ନୀ ଥିଲେ। ଜଣକର ନାମ ହାନ୍ନା ଓ ଅନ୍ୟର ନାମ ପନିନ୍ନା। ହାନ୍ନା ନାମର ଅର୍ଥ କୃପା ଓ ପନିନ୍ନା ନାମର ଅର୍ଥ ମୁକ୍ତା। ପନିନ୍ନାଙ୍କ ସନ୍ତାନ ସନ୍ତତି ଥିଲେ, କିନ୍ତୁ ହାନ୍ନା ବନ୍ଧ୍ୟା ଥିଲେ। ଇଲ୍‌କାନା ସପରିବାରେ ପ୍ରତିବର୍ଷ ଶୀଲୋହକୁ ଯାଇ ସଦାପ୍ରଭୁଙ୍କ ଆରାଧନା ଓ ବଳିଦାନ କରୁଥିଲେ। ହାନ୍ନାଙ୍କ ପ୍ରତି ଇଲ୍‌କାନାଙ୍କ ପ୍ରେମ ପ୍ରଗାଢ଼ ଥିଲା, କିନ୍ତୁ ତାହାଙ୍କ ପ୍ରତିପକ୍ଷ ପନିନ୍ନା ତାହାଙ୍କୁ ବିରକ୍ତ କରେ ଓ ସେ ରୋଦନ କରି କିଛି ଖାଆନ୍ତି ନାହିଁ। (୧ମ ଶାମୁୟେଲ ୧:୭)। ପନିନ୍ନାଙ୍କ ଅସତ୍ ବ୍ୟବହାରରେ ହାନ୍ନା ଚିନ୍ତାମନାରେ ସଦାପ୍ରଭୁଙ୍କ

ଠାରେ ପ୍ରାର୍ଥନା କରି ମନାସି କହିଲେ, "...ହେ ସୌନ୍ୟାଧିପତି ସଦାପ୍ରଭୋ, ଯେବେ ତୁମ୍ଭେ ଆପଣା ଦାସୀର ଦୁଃଖ ପ୍ରତି ନିତାନ୍ତ ଦୃଷ୍ଟିପାତ କରିବ ଓ ମୋତେ ସ୍ମରଣ କରି ଆପଣା ଦାସୀକୁ ପାସୋରିବ ନାହିଁ, ମାତ୍ର ଆପଣା ଦାସୀକି ଗୋଟିଏ ପୁରୁଷ ସନ୍ତାନ ଦେବ, ତେବେ ମୁଁ ତାହାର ଯାବଜ୍ଜୀବନ ତାହାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି ଓ ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ। (୧୦ମ ପଦ)

ହାନ୍ନା ସଦାପ୍ରଭୁଙ୍କ ସମ୍ମୁଖରେ ସମ୍ମୁଖରେ ଆପଣା ପ୍ରାଣ ବେଦନା ଢ଼ାଳିଥିଲେ। ସଦାପ୍ରଭୁ ତାହାଙ୍କ ନିବେଦନ ଶ୍ରବଣ କଲେ। ହାନ୍ନା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କଲେ। "...ମୁଁ ସଦାପ୍ରଭୁଙ୍କୁ ମାଗିଥିଲି, ଏହା କହି ତାହାର ନାମ ଶାମୁୟେଲ (ପରମେଶ୍ୱରଙ୍କ ଦତ୍ତ) ରଖିଲା।" (୨୦ମ ପଦ)

ହାନ୍ନାଙ୍କ ଚିନ୍ତମନା ହୃଦୟ, ଦୁଃଖଭରା ମାନସ ତାହାଙ୍କୁ ସଦାପ୍ରଭୁଙ୍କ ନିକଟବର୍ତ୍ତୀ କରିଥିଲା। ଯାକୁବ କହନ୍ତି, "ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭର ନିକଟବର୍ତ୍ତୀ ହେବେ।... (ଯାକୁବ ୪:୮)" ଆମ୍ଭମାନଙ୍କ ଜୀବନର ଦୁଃଖ, କଷ୍ଟ, କ୍ଲେଶ ଆମ୍ଭମାନଙ୍କ ବିଶ୍ୱାସର ପରୀକ୍ଷା ଅଟେ। "ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ।" (୧ମ ପିତର ୧:୭) "ପୁଣି, ସଙ୍କଟ ଦିନରେ ଆମ୍ଭକୁ ଡାକ, ଆମ୍ଭେ ତୁମ୍ଭଙ୍କୁ ଉଦ୍ଧାର କରିବା, ଆଉ ତୁମ୍ଭେ ଆମ୍ଭର ଦୁର୍ଦ୍ଦଶା ସମୟରେ ସଦାପ୍ରଭୁଙ୍କୁ ଡାକିଲି ଓ ମୋ ପରମେଶ୍ୱରଙ୍କ ନିକଟରେ ଆର୍ତ୍ତନାଦ କଲି, ସେ ଆପଣା ମନ୍ଦିରରୁ ମୋହର ରବ ଶୁଣିଲେ,...." (ଗୀତ ୧୮:୬,୭)। ବିଶ୍ୱାସର ଯୋଦ୍ଧାମାନେ ଆପଣା ଆପଣା ଦୁର୍ଦ୍ଦିନରେ ସଦାପ୍ରଭୁଙ୍କ ଠାରେ ଆର୍ତ୍ତନାଦ କଲେ ସେ ସେମାନଙ୍କର ପ୍ରାର୍ଥନାର ଉତ୍ତର ଦେଇଥିଲେ, କାରଣ "କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତୀ ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ।'' (୧ମ ପିତର ୩:୧୨, ଯୋହନ ୯:୩୧)

ହାନ୍ନା ଶାମୁୟେଲଙ୍କୁ ଏକ ନାସରୀୟ ରୂପେ ପାଳନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ସେ ଯେପରି ଆଜୀବନ ସଦାପ୍ରଭୁଙ୍କ ପ୍ରାଙ୍ଗଣରେ, ସଦାପ୍ରଭୁଙ୍କ ପରିଚର୍ଯ୍ୟା କରିପାରିବେ, ହାନ୍ନା ତାହାଙ୍କୁ ଏପରି ପ୍ରଶିକ୍ଷଣ ଦେଇଥିଲେ। ଛୋଟ ବାଳକ ଶାମୁୟେଲ, ସଦାପ୍ରଭୁଙ୍କ ଆରାଧନା ବିଷୟରେ ଜ୍ଞାତ ଥିଲେ। (୨୮ତମ ପଦ) ଜ୍ଞାନୀ ଶଲୋମନ କହନ୍ତି ''ବାଳକ ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ। ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବନାହିଁ।" (ହିତ ୨୨:୬) ଯାକବେଦ ଆପଣା

ସନ୍ତାନସନ୍ତତିମାନଙ୍କୁ ପରମେଶ୍ୱରଙ୍କ ଭୟଭକ୍ତିରେ ପାଳନ କରିଥିଲେ । ମୋଶା, ଫାରୋଙ୍କ ପୋଷିତ ପୁତ୍ର, ଆପଣା ମାତା ଯାକବେଦଙ୍କ ଲାଳନପାଳନରେ ବୃଦ୍ଧିପ୍ରାପ୍ତ ହୋଇଥିଲେ । ମାତାମହୀ ଲୋୟି ଓ ମାତା ଇଉନୀକୀ ବାଳକ ତୀମଥିଙ୍କୁ ପରମେଶ୍ୱରଙ୍କ ଠାରେ "ବିଶ୍ୱାସ"ରେ ଲାଳନପାଳନ କରିଥିଲେ । (୨ୟ ତୀମଥି ୨:୫) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖିଥିଲେ, "ପୁଣି ହେ ପିତାମାନେ, ଆପଣା ଆପଣା ପିଲାମାନଙ୍କୁ ବିରକ୍ତ କର ନାହିଁ, ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର ।" (ଏଫିସୀ ୬:୪)

ହାନ୍ନା ଏକ ପୁତ୍ର ସନ୍ତାନ ନିମନ୍ତେ ବିନତୀ କରିଥିଲେ ଓ ସଦାପ୍ରଭୁ ତାହାଙ୍କୁ ଏକ ପୁତ୍ର ସନ୍ତାନ ଦାନ କରିଥିଲେ । ସେ ତାହାଙ୍କ ନାମ ଶାମୁୟେଲ ରଖିଲେ । ସେ ସଦାପ୍ରଭୁଙ୍କ ଠାରେ ମନାସିବା ମାନତାନୁଯାୟୀ ବାଳକ ଶାମୁୟେଲଙ୍କୁ ସଦାପ୍ରଭୁଙ୍କ ନିକଟକୁ ଆଣିଥିଲେ । "ଏହି ବାଳକ ନିମନ୍ତେ ମୁଁ ପ୍ରାର୍ଥନା କରିଥିଲି, ଆଉ ମୁଁ ଯାହା ମାଗିଥିଲି, ସଦାପ୍ରଭୁ ସେହି ନିବେଦନ ଅନୁସାରେ ମୋତେ ଦେଇଅଛନ୍ତି । ଏଣୁ ମୁଁ ମଧ୍ୟ ତାହାଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିବେଦନ କଲି, ସେ ଯାବଜ୍ଜୀବନ ସଦାପ୍ରଭୁଙ୍କ ଠାରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିବେଦିତ ହେଲା, ଏ ଉତ୍ତାରେ ସେ ସେଠାରେ ସଦାପ୍ରଭୁଙ୍କ ଆରାଧନା କଲା ।" (୧ମ ଶାମୁୟେଲ ୧:୨୭-୨୮,) ଯଦିଓ ମାତାମାନଙ୍କୁ ଆପଣା କୋମଳ ସନ୍ତାନସନ୍ତତି ମାନଙ୍କ ଠାରୁ ଦୂରରେ ରହିବା କଷ୍ଟକର, ହାନ୍ନା ଆପଣା ପୁତ୍ରଙ୍କୁ ଆପଣା ମାନତନୁଯାୟୀ ସଦାପ୍ରଭୁଙ୍କ ସମ୍ମୁଖରେ ପରିଚର୍ଯ୍ୟା କରିବା ନିମନ୍ତେ ସଦାପ୍ରଭୁଙ୍କୁ ସମର୍ପଣ କରିଥିଲେ । ମୋଶାଙ୍କ ବ୍ୟବସ୍ଥା କହେ, ''ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ତୁମ୍ଭେ ମାନତ ମନାସିଲେ, ତାହା ଦେବାକୁ ବିଳମ୍ୱ କରିବ ନାହିଁ ।...ଯାହା ତୁମ୍ଭ ଓଷ୍ଠରୁ ନିର୍ଗତ ହୋଇଅଛି, ତାହା କରିବାକୁ ମନୋଯୋଗ କରିବ । ତୁମ୍ଭେ ଆପଣା ମୁଖରେ ପ୍ରତିଜ୍ଞା କରି ଯେ ରୂପେ ସ୍ୱେଚ୍ଛାଦତ୍ତ ଉପହାର ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମାନତ କରିଅଛ, ତଦନୁସାରେ କରିବ ।'' (ଦ୍ୱି.ବ ୨୩:୨୧-୨୩) । ଯିପ୍ତହ, ଅମ୍ମୋନ-ସନ୍ତାନଗଣ ବିରୁଦ୍ଧରେ ଯୁଦ୍ଧରୁ ଫେରିବା ବେଳେ ସେ ମନରେ ମନାସି କହିଲେ, ''.....ଯେକେହି ମୋତେ ଭେଟିବା ପାଇଁ ମୋହର ଗୃହଦ୍ୱାରରୁ ବାହାରି ଆସିବ ସେ ନିଶ୍ଚେ ସଦାପ୍ରଭୁଙ୍କର ହେବ ଓ ମୁଁ ତାହାକୁ ହୋମବଳି ରୂପେ ଉତ୍ସର୍ଗ କରିବି ।'' (ବିଚାର କର୍ତ୍ତା ୧୧:୩୧) ବିଜୟୀ ଯିପ୍ତହ ଆପଣା ଗୃହକୁ ଫେରି ଆସିବା ସମୟରେ ତାହାଙ୍କ ଏକମାତ୍ର କନ୍ୟା ତାହାଙ୍କୁ ଭେଟିବା ପାଇଁ ଗୃହଦ୍ୱାର ନିକଟରେ ନୃତ୍ୟ କରୁ କରୁ ଆସିଲା । ସେ କନ୍ୟା ନିମନ୍ତେ ସନ୍ତାନ ସନ୍ତାପ କଲେ ହେଁ, ଆପଣା ମାନତନୁଯାୟୀ

କନ୍ୟାଙ୍କୁ ସଦାପ୍ରଭୁଙ୍କୁ ଉଦ୍ଦେଶ୍ୟରେ ହୋମବଳି ରୂପେ ଉତ୍ସର୍ଗ କରିଥିଲେ । ଜ୍ଞାନୀ ଶଲୋମନ ଆମ୍ଭମାନଙ୍କୁ ସତର୍କ କରି କହନ୍ତି, ''ତୁମ୍ଭେ ପରମେଶ୍ୱରଙ୍କ ନିକଟରେ ମାନତ କଲେ, ତାହା ପରିଶୋଧ କରିବାକୁ ବିଳମ୍ବ କର ନାହିଁ, କାରଣ ମୂର୍ଖମାନଙ୍କ ଠାରେ ତାହାଙ୍କର ସନ୍ତୋଷ ନାହିଁ, ତୁମ୍ଭେ ଯାହା ମାନତ କର, ତାହା ପରିଶୋଧ କର । ମାନତ କରି ପରିଶୋଧ ନ କରିବା ଅପେକ୍ଷା ତୁମ୍ଭର ମାନତ ନ କରିବାର ଭଲ ।'' (ଉପ ୫:୪,୫) । ଆପଣା ଜ୍ୟେଷ୍ଠ ଭ୍ରାତା ଏଷୌଙ୍କ କ୍ରୋଧରୁ ପଳାୟନକାରୀ ଯାକୁବ ବୈଥେଲରେ, ଆପଣା ପିତୃ ପରମେଶ୍ୱରଙ୍କ ନିକଟରେ ମାନତ କରି କହିଥିଲେ, ''.........ଯେବେ ପରମେଶ୍ୱର ମୋହର ସହାୟ ହେବେ ଓ ମୋହର ଯିବା ପଥରେ ମୋତେ ରକ୍ଷା କରିବେ, ପୁଣି ଖାଇବା ନିମନ୍ତେ ଅନ୍ନ ଓ ପରିଧାନ ଦେବେ, ଆଉ ଯେବେ ମୁଁ କୁଶଳରେ ପିତୃଗୃହକୁ ପୁନର୍ବାର ଆସିବି, ତେବେ ସଦାପ୍ରଭୁ ମୋହର ପରମେଶ୍ୱର ହେବେ, ପୁଣି ମୁଁ ଏହି ଯେଉଁ ପ୍ରସ୍ତର ସ୍ତମ୍ଭ ରୂପେ ସ୍ଥାପନ କରିଅଛି, ତାହା ପରମେଶ୍ୱରଙ୍କ ଗୃହ ହେବ, ତହିଁର ଦଶମାଂଶ ମୁଁ ତୁମ୍ଭଙ୍କୁ ଅବଶ୍ୟ ଦେବି ।'' (ଆଦି ୨୮:୨୦-୨୨) । ଯାକୁବ ଆପଣା ମାନତାନୁଯାୟୀ ଦଶମାଂଶ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ସେହିପରି ଆଦରଣୀୟ ହାନ୍ନାଙ୍କ କାର୍ଯ୍ୟ ପ୍ରଶଂସନୀୟ ଅଟେ, କାରଣ ସେ ଆପଣାର ଅତି ବହୁମୂଲ୍ୟ ସମ୍ପଦ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ''ଦେଖ, ସନ୍ତାନଗଣ ସଦାପ୍ରଭୁଙ୍କ ଦତ୍ତ ଅଧିକାର ଓ ଗର୍ଭଜାତ ଫଳ ତାହାଙ୍କ ଦତ୍ତ ପୁରସ୍କାର । (ଗୀତସଂହିତା ୧୨୭:୩) ବିଶ୍ୱାସର ପିତା ଅବ୍ରାହମ, ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ଦେବାକୁ ପଛେଇ ନ ଥିଲେ । (ଆଦି ୨୨ମ ଅଧ୍ୟାୟ) । 'ବିଶ୍ୱାସ ଦ୍ୱାରା ଅବ୍ରାହାମ ପରୀକ୍ଷିତ ହୋଇ ଇସ୍‌ହାକଙ୍କୁ ଉତ୍ସର୍ଗ କଲେ, ହଁ, ଯେଉଁ ବ୍ୟକ୍ତି ପ୍ରତିଜ୍ଞାସମୂହ ପ୍ରାପ୍ତ ହୋଇଥିଲେ,...'' (ଏବ୍ରୀ ୧୧:୧୭) । ଆପଣା ଅନାଟନ ଅବସ୍ଥାରେ ନିଜ ପ୍ରାଣ ବଞ୍ଚାଇବା ରଖିବା ନିମନ୍ତେ ସଞ୍ଚିତ ଦୁଇ କ୍ଷୁଦ୍ର ମୁଦ୍ରା ଭଣ୍ଡାରରେ ଦାନ କରିଥିବା, ବିଧବାର ଦାନକୁ ଯୀଶୁଖ୍ରୀଷ୍ଟ ପ୍ରଶଂସା କରିଥିଲେ । (ଲୂକ ୨୧:୧-୪) । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, ''ପ୍ରତ୍ୟେକ ଜଣ ଆପଣା ହୃଦୟର ଯେପରି ସଙ୍କଳ୍ପ କରିଅଛି, ସେପରି କରୁ, କୁଣ୍ଠିତ ଭାବରେ ନୁହେଁ, ଅବା ବାଧ୍ୟବାଧକତା ହେତୁ କି ନୁହେଁ, କାରଣ ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି ।'' (୨ କରିନ୍ଥୀ ୯:୭)

ଠିକ୍ ସେହିପରି ଆଦରଣୀୟା ହାନ୍ନା ଆପଣା ଦୁର୍ଦ୍ଦଶା ସମୟରେ ସଦାପ୍ରଭୁଙ୍କ ଅନୁଗ୍ରହ ସିଂହାସନ ନିକଟକୁ ଯାଇଥିଲେ । ପରମେଶ୍ୱରଙ୍କ ଦତ୍ତ ପୁତ୍ରକୁ ସଦାପ୍ରଭୁ ଭୟଭକ୍ତିରେ ଉତ୍ସର୍ଗ କରିଥିଲେ । ଆପଣା ମାନତନୁଯାୟୀ, ତାହାଙ୍କ ଆଜୀବନ ସଦାପ୍ରଭୁଙ୍କ

ପରିଚର୍ଯ୍ୟା କରିବା ନିମନ୍ତେ ଶାମୁୟେଲଙ୍କୁ ସଦାପ୍ରଭୁଙ୍କ ଦେଇଥିଲେ । ହାନ୍ନାଙ୍କ ସଦୃଶ୍ୟ ଆମ୍ଭେମାନେ ନିରନ୍ତର ସଦାପ୍ରଭୁଙ୍କ ମଙ୍ଗଳଦାନ ନିମନ୍ତେ କୃତଜ୍ଞତାରେ ଜୀବନଯାପନ କରୁ ।

***- Kabita Gootam***

## ଆଜ୍ଞାବହ ସନ୍ତାନମାନେ ପିତାମାନଙ୍କ ସମାଦର କରନ୍ତି ।
## (Fathers are honoured by obedient children)

"ପୁତ୍ର ଆପଣା ପିତାକୁ ଓ ଦାସ ଆପଣା ମୁନିବକୁ ସମାଦର କରେ, ମାତ୍ର ଆମ୍ଭେ ଯେବେ ପିତା ଅଟୁ, ତେବେ ଆମ୍ଭର ସମାଦର କାହିଁ ଓ ଆମ୍ଭେ ମୁନିବ ଅଟୁ । ତେବେ ଆମ୍ଭ ପ୍ରତି ଭୟ କାହିଁ ?

ପିତମାନଙ୍କୁ ସମାଦର କରିବା ଆବଶ୍ୟକ । 'ସମାଦର' କେବଳ ନାମକାର୍ଯେ ନ ହୋଇ, ଗୌରବ ସହ ହେବା ଆବଶ୍ୟକ । ଆମ୍ଭମାନଙ୍କ ପ୍ରତ୍ୟେକଙ୍କର ଦୁଇ ପିତା ଅଛନ୍ତି, ଶାରୀରିକ ଓ ଆତ୍ମିକ । ଶାରୀରିକ ଭାବେ 'ପିତା' ମାନଙ୍କ ଦ୍ୱାରା ଆମ୍ଭେମାନେ ଏହି ଜଗତରେ ଜନ୍ମ ଗ୍ରହଣ କରୁ । ସୃଷ୍ଟିକର୍ତ୍ତା ପିତା ପରମେଶ୍ୱର ଆମ୍ଭମାନଙ୍କ ଆତ୍ମିକ ପିତା ଅଟନ୍ତି ।

**୧) ଆଜ୍ଞାବହତା ଦ୍ୱାରା ଆମ୍ଭେମାନେ ପିତାମାନଙ୍କୁ ସମାଦର କରୁ:** ପ୍ରକୃତ ସମାଦର ଆଜ୍ଞାବହତାରୁ ଆସେ । "ହେ ପିଲାମାନେ, ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତଙ୍କର ଆଜ୍ଞାବହ ହୁଅ । କାରଣ ଯାହା ଯଥାର୍ଥ, ଆପଣା ପିତାମାତାଙ୍କର ସମାଦର କର, (ଏହା ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା) ।" (ଏଫିସୀ ୬:୧-୨) ଆଜ୍ଞାବହତା ଓ ସମାଦର କିପରି ପରସ୍ପର ସଂଯୁକ୍ତ ଏହି ବାକ୍ୟରୁ ସ୍ପଷ୍ଟ ହୁଏ । ଯେଉଁ ପୁତ୍ର ବା ପୁତ୍ରୀ ଆପଣା ପିତାଙ୍କ ଆଜ୍ଞାବହ ନୁହେଁ, ସେ ତାହାଙ୍କ ଅବମାନନା କରେ । ଆଜ୍ଞାବହତା ବିନୁ "ପିତାଙ୍କ ଦିବସ" (Father's Day)ରେ ଦେଇଥିବା ବହୁମୂଲ୍ୟ ଦାନଗୁଡ଼ିକ ସବୁ ମୂଲ୍ୟହୀନ । ସମାଦର ବିନୁ 'ଦାନ'ର ମୂଲ୍ୟ ନାହିଁ । ପିତାମାତାଙ୍କୁ ଆଜ୍ଞାବହ ହେବା ଦ୍ୱାରା, ସନ୍ତାନମାନେ ତାହାଙ୍କ ସମାଦର କରନ୍ତି ।

**୨) ସ୍ୱର୍ଗୀୟ ପିତାଙ୍କ ବିଷୟରେ ମଧ୍ୟ, ଏ ବିଷୟ ସତ୍ୟ ଅଟେ:** ମଲାଖି ଭାବବାଦୀଙ୍କ ସମୟରେ ସୁଦ୍ଧା, ସଦାପ୍ରଭୁଙ୍କ ବାକ୍ୟ ଅମାନ୍ୟ କରି,ତାହାଙ୍କୁ ଅପମାନିତ କରିଥିଲେ । (ମଲାଖି ୧:୬, ୨:୯) । ଯୀଶୁ କହିଲେ "ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।" (ଯୋହନ ୧୪:୧୫)

୧ମ ଯୋହନ ୨:୩,୪ ପଦରେ ପ୍ରେରିତ ଯୋହନ କହନ୍ତି, ''ଯଦି ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରୁ, ତେବେ ତଦ୍ୱାରା ଜ୍ଞାତ ହେଉ ଯେ, ଆମ୍ଭେମାନେ ତାହାଙ୍କୁ ଜାଣୁ, ତାହାଙ୍କ ଆଜ୍ଞା ପାଳନ ନ କରି ତାହାଙ୍କୁ ଜାଣେ ବୋଲି ଯେ କହେ, ସେ ମିଥ୍ୟାବାଦୀ।''

**୩) ସମସ୍ତ ବିଷୟରେ ତାହାଙ୍କ ଆଜ୍ଞାକାରୀ ହେଉ :** ବାକ୍ୟ କହେ, ଯୀଶୁଖ୍ରୀଷ୍ଟ, ''ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ।'' (ଏବ୍ରୀ ୫:୮,୯) ଆମ୍ଭେମାନେ ସୁଦ୍ଧା ଖ୍ରୀଷ୍ଟଙ୍କ ସଦୃଶ୍ୟ ଆଜ୍ଞାବହତା ସ୍ୱଭାବ ଶିକ୍ଷା କରୁ। ଆରାଧନା ପଦ୍ଧତିରେ, ତାହାଙ୍କ ପରିଚର୍ଯ୍ୟାରେ ତାହାଙ୍କ ବାକ୍ୟର ଅନୁସରଣ କରି, ଆଜ୍ଞାବହ ହେଉ। ବିଶ୍ୱସ୍ତ ଜୀବନଯାପନର ପ୍ରତ୍ୟେକ କ୍ଷେତ୍ରରେ ଆମ୍ଭେମାନେ ବାକ୍ୟର ଅନୁସରଣ କରୁ, ସେ ପରିମାଣରେ ଆମ୍ଭେମାନେ ତାହାଙ୍କୁ ସମାଦର କରିଥାଉ।

ଆମ୍ଭମାନଙ୍କ ଶାରୀରିକ ପିତାମାତାଙ୍କ ସହ ସଦ୍‌ସମ୍ବନ୍ଧ ରଖିବା ଆବଶ୍ୟକ। ତା ଠାରୁ ଅଧିକ ଭାବେ ଏହା ଆବଶ୍ୟକ ଯେ, ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଆଜ୍ଞାବହ ହେଉ ଓ ତାହାଙ୍କ ସମାଦର କରୁ। ଆପଣ କି ପିତା ପରମେଶ୍ୱର ଆମ୍ଭମାନଙ୍କ ସଦାପ୍ରଭୁଙ୍କ ଆଜ୍ଞାବହ ହୋଇ, ତାହାଙ୍କ ସମାଦର କରୁଅଛନ୍ତି।

*- Bobby Dockery*

## NO TIME

I knelt to pray, but not for long
I had too much to do.
Must hurry off and get to work
For bills would soon be due.

And so I said a hurried prayer
And jumped up from my knees
My Christian duty now was done
My soul could be at ease.

All through the day I had no time
To spread a word of cheer
No time to speak of Christ to friends
They'd laugh at me I fear.

No time, no time, too much to do
That was my constant cry.
No time to give to those in need
At last it was time to die.

And when before the Lord I came
I stood with downcast eyes
Within his hands He held a book
It was the "Book of life".

God looked into His book and said,
Your name I just can't find
I started once to write it down.
But you never had time. - Selected

# ଗେହେନ୍ନା

## (The Gehenna)

ପୁରାତନ ନିୟମରେ ଏକ ପଦ ଅଛି, ଯାହାର ଅର୍ଥ, ''ହିନ୍ନୋମ ପୁତ୍ର''ର ଉପତ୍ୟକା । ଏହି ପଦ ଆମ୍ଭେମାନେ ଯିହୋଶୂୟ ୧୫:୮ ଓ ଦ୍ୱିତୀୟ ରାଜାବଳି ୨୩:୧୦ ବାକ୍ୟରେ ପଢ଼ିପାରୁ । ଏହା ଯିରୁଶାଲମର ଦକ୍ଷିଣ ଭାଗର ତଳଭୂମି । ସେଠାରେ ମଲୋକ୍ (Moloch) ନାମକ ଅନ୍ୟଦେଶୀୟ ଦେବତାର ଆରାଧନା କରାଯାଉଥିଲା । ରାଜା ଆହସ ଓ ମନଃଶି ଏହି ଉପତ୍ୟକାରେ ଅନ୍ୟଦେଶୀୟ ଦେବତାମାନଙ୍କୁ ଆରାଧନା କରି ସେମାନଙ୍କ ଉଦ୍ଦେଶ୍ୟରେ ଆପଣା ସନ୍ତାନମାନଙ୍କୁ ବଳି ଅର୍ପଣ କରୁଥିଲେ । (ଦ୍ୱି.ବ ୨୮:୩ ଓ ୩୩:୬) । ସୁଖ୍ୟାତ ରାଜା ଯୋଶିୟ ଏହି ସ୍ଥାନକୁ 'ଅଶୁଚି ସ୍ଥାନ' ବୋଲି କହି, ଯିହୁଦୀ ଲୋକମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିଥିଲେ । (ଦ୍ୱି.ରା ୨୩:୧୦) । ସେଠାରେ ମୃତ ଶରୀର ଦହନ କରୁଥିଲେ । (ଯିରିମିୟ ୩୧:୪୦ ଓ ଯିଶାଇୟ ୬୬:୨୪)

ପରମେଶ୍ୱରଙ୍କ ଭାବବାଦୀମାନେ ଏହି ହିନ୍ନୋମ ଉପତ୍ୟାକାର ବିଚାର ବିଷୟରେ ପ୍ରକଟନ କରିଥିଲେ । ଏହା ଆଗାମୀ ବିଚାରର ଏକ ଉଦାହରଣ ଥିଲା । (ଯିରିମିୟ ୭:୩୧-୮, ଯିଶାଇୟ ୩୧:୯)

ନୂତନ ନିୟମର ଖ୍ରୀଷ୍ଟଙ୍କ ସିଦ୍ଧାନ୍ତରେ 'ଗେହେନ୍ନା' ଅର୍ଥ କେବଳ 'ହିନ୍ନୋମ' ଉପତ୍ୟକା ନୁହେଁ, କିନ୍ତୁ ଅନନ୍ତ ଶାସ୍ତିର ସ୍ଥାନ । 'ଗେହେନ୍ନା'ର ସମତୂଲ୍ୟ ଅର୍ଥ ଦେଉଥିବା ଆଉ କେତୋଟି ପଦ, ଆମ୍ଭେମାନେ ନୂତନ ନିୟମରେ ପଢ଼ିଥାଉ: ସେଗୁଡ଼ିକ ହେଲା:-

* ଅନନ୍ତ ଅଗ୍ନି (ମାଥିଉ ୧୮:୮-୯, ୨୫:୪୧)
* ଅନିର୍ବାଣ ଅଗ୍ନି (ମାଥିଉ ୩:୧୨, ମାର୍କ ୯:୪୪-୪୮)
* ଅଗ୍ନିକୁଣ୍ଡ (ମାଥିଉ ୧୩:୪୨)
* ଅଗ୍ନିମୟ ହ୍ରଦ (ପ:ବା ୨୦:୧୪)
* ଅଗ୍ନି ଓ ଗନ୍ଧକ (ପ୍ର:ବା ୧୪:୧୦ ଓ ୧୯:୨୦)
* ଯନ୍ତ୍ରଣା ସ୍ଥଳ (ପ୍ର:ବା ୧୪:୧୦ ଓ ଲୂକ ୧୬:୨୩)
* ପାତାଳ କୁଣ୍ଡ (ପ୍ର:ବା ୨୦:୩)
* ଅନନ୍ତ ଶାସ୍ତି (ମାଥିଉ ୨୫:୪୬)
* ଅଗାଧ ଅନ୍ଧକାର (ମାଥିଉ ୮:୧୨, ୨୨:୧୩, ୨୫:୩୦)

ଅନେକଙ୍କ ମନରେ ଅନେକ ପ୍ରଶ୍ନ ଉଠିପାରେ, ଗେହେନ୍ନା ଏକ ଅଗ୍ନିମୟ ସ୍ଥାନ ଓ ଅନ୍ଧକାରମୟ ସ୍ଥାନ କିପରି ହୋଇପାରେ ? ଇଶ୍ରାଏଲ ଜାତି ନିମନ୍ତେ 'ଅଗ୍ନି' ଅର୍ଥାତ୍ ପରମେଶ୍ୱରଙ୍କ ସାନ୍ନିଧ୍ୟ (ଯାତ୍ରା ୧୯:୧୮, ୪୦:୩୮, ଦ୍ୱି:ବି ୪:୧୨, ୫:୪) । ଅଗ୍ନି ସମତୂଲ୍ୟ ପରମେଶ୍ୱରଙ୍କ ପବିତ୍ରତା, ଦୁଷ୍ଟତା ସହ୍ୟ କରିପାରେ ନାହିଁ । ତାହାଙ୍କ ଅସନ୍ତୋଷ ବିଷୟ, ସେ ଅଗ୍ନି ଦ୍ୱାରା ବିନଷ୍ଟ କରନ୍ତି । ''ଆମ୍ଭ କ୍ରୋଧର ଅଗ୍ନି ପ୍ରଜ୍ୱଳିତ ହେଲା, ତାହା ନୀଚତମ ପାତାଳ ପର୍ଯ୍ୟନ୍ତ ଜଳୁଅଛି ଓ ପୃଥିବୀକୁ ତଦୁତ୍ପନ୍ନ ବସ୍ତୁ ସହିତ ଗ୍ରାସ କରେ, ଆଉ ପର୍ବତମାନର ମୂଳଦୁଆ ଜ୍ୱଳାଏ । (ଦ୍ୱି:ବି ୩୨:୨୨)

ପ୍ରକୃତରେ ଗେହେନ୍ନାର ଆପଣାର କିଛି ଶକ୍ତି ନାହିଁ । କିନ୍ତୁ ସେଥିରେ ନିକ୍ଷିପ୍ତ କରିବାକୁ ପରମେଶ୍ୱରଙ୍କ ଶକ୍ତି ଅଛି । ପରିତ୍ରାଣ ଓ ଅନନ୍ତ ଜୀବନ 'ଆଲୋକ' ସଦୃଶ୍ୟ ଯାହାକି ଅନ୍ଧକାରର ବିରୁଦ୍ଧ । ପରମେଶ୍ୱରଙ୍କ ରାଜ୍ୟ ବାହାରେ କେବଳ ଅନ୍ଧକାର । (ମାଥିଉ ୨୨:୧୩) । ଆସ ଆମ୍ଭେ ସେହି ନିତ୍ୟ ଅଗ୍ନିରୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ବଞ୍ଚିତ ହୋଇ, ତାହାଙ୍କ ଆଲୋକ ଓ ଆନନ୍ଦମୟ ରାଜ୍ୟରେ ପ୍ରବେଶ କରୁ ।

***- Hans J. Denderscheck***

**Edited & Published by : Kabita & Joshua Gootam**

# HIS NAME

## GOD GAVE JESUS NAME

1) In fact, He "highly exalted him" and gave Him a "name which is above every name" (Philippian 2:9 Acts 4:12). God "set him at his own right hand" far above "every name that is named, not only in this world, but also in that which is to come" (Ephesians 1:20-21).

**Jesus has many "names," in fact .**

* To Abraham and Moses He was the great "I AM" (Exodus 3:14: John 8:58).

* To Moses He was "the Passover Lamb" (Exodus 12:23; 1 Corinthians 5:7).

* To David He was "the Good Shepherd" (Psalm 23; John 10:11).

* To Solomon He was "the Rose of Sharon" (Song of Solomon 2:1; Isaiah 35:1-2).

  Since holiness is beautiful (1 Chronicles 16:29), Jesus is the most attractive person ever to live, since He was the holiest (Hebrews 4:15).

* To Job He was "the Kinsman Redeemer" (Job 19:25;

Ephesians 1:7; Revelation 5:9).

* To Isaiah He was "the Rock in a weary land" (Isaiah 32:2; 1 Corinthians 10:4; John 7:37).

* To Jeremiah He was "the Lord our Righteousness" (Jeremiah 23:6; 1 Corinthians 1:30).

The psalmist said. "His name shall endure for ever : his name shall be continued as long as the sun: and men shall be blessed in him : all nations shall call him blessed" (Psalm 72:17).

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)